**ବିଚିତ୍ରାନନ୍ଦ ବାରଙ୍ଗର ନୂଆ ତହସିଲଦାର**

ବାରଙ୍ଗ,୧।୨(ଡି.ଏନ୍.ଏ.): ବାରଙ୍ଗରେ ନୂଆ ତହସିଲଦାର ଭାବେ ବିଚିତ୍ରାନନ୍ଦ ନାୟକ ସୋମବାର ଯୋଗଦେଇଛନ୍ତି। ବାରଙ୍ଗରେ ଥିବା ତହସିଲଦାର ପ୍ରଜ୍ଞାନନ୍ଦ ଦାସଙ୍କର ବ୍ରହ୍ମଗିରିକୁ ବଦଳି ହେବା ପରେ ତାଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ବିଚିତ୍ରାନନ୍ଦ ପୂର୍ବରୁ କନ୍ଧମାଳ ଜିଲାର ଜି.ଉଦୟଗିରିରେ ତହସିଲଦାର ଥିଲେ। ତେବେ ସୋମବାର ବିଧିବଦ୍ଧ ଭାବେ ପ୍ରଜ୍ଞାନନ୍ଦ ଦାସଙ୍କଠାରୁ ବିଚିତ୍ରାନନ୍ଦ ଦାୟିତ୍ୱ ଗ୍ରହଣ କରିଛନ୍ତି। ନାୟକ ହେଉଛନ୍ତି ୨୦୧୧ ବ୍ୟାଚର ଓଏଏସ ଅଫିସର। ପ୍ରଥମେ କେନ୍ଦ୍ରାପଡ଼ା, ଜି. ଉଦୟଗିରି ପରେ ବାରଙ୍ଗ ତହସିଲଦାର ଭାବେ ଦାୟିତ୍ୱ ନେଇଥିବାର ଜଣାପଡ଼ିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜାତୀୟ ହସ୍ତତନ୍ତ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ସୁଦର୍ଶନ ଆର୍ଟ ଆଣ୍ଡ କ୍ରାଫ୍ଟ ଭିଲେଜ, ଜୟଦେବ ବିହାର, ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ପ୍ରଦେଶ ଯୁଥ କଂଗ୍ରେସ ପକ୍ଷରୁ ଆନ୍ଦୋଳନ, ପାୱାର ଛକ, ମଧ୍ୟାହ୍ନ ୧୨ଟା।
- ଆଦିବାସୀ ମେଳା, ଆଦିବାସୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟା।
- ତୋଷାଳି ମେଳା, ଜନତା ମଇଦାନ, ଜୟଦେବ ବିହାର ରାସ୍ତା, ଅପରାହ୍ନ ୨ଟା।
- ଓଡ଼ିଶା ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ଆଲୋଚନାଚକ୍ର, ଜୟ ଭାରତ ଅଡିଟୋରିୟମ, ନିକୋ ପାର୍କ ଛକ, ଅପରାହ୍ନ ୩ଟା।

# ଇଞ୍ଜେକ୍ସନ ନେବାପରେ ଯୁବକ ମୃତ

- କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା
- ଅଧା ରହିଗଲା ବିବାହ ପାଇଁ ଝିଅ ଦେଖା

ଭୁବନେଶ୍ୱର,୧।୨(ବ୍ୟୁରୋ)

ଇଞ୍ଜେକ୍ସନ ନେବା ପରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ବିଳମ୍ବିତ ରାତିରେ କ୍ୟାପିଟାଲ ହସ୍ପିଟାଲରେ ଏହି ସ୍ୱର୍ଶକାତର ଘଟଣା ଘଟିଛି। ମୃତ ଯୁବକ ଜଣକ ହେଲେ ରାଜଧାନୀ ଉପକଣ୍ଠ ଭିଙ୍ଗାରପୁର ଶାସନ ଅଞ୍ଚଳର ସିଦ୍ଧି ନାୟକ (୩୦)। ଭୁଲ୍ ଇଞ୍ଜେକ୍ସନ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରି ହୋହଲ୍ଲା କରିଥିଲେ। ଫଳରେ ବହୁ ସମୟ ଧରି ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ମୃତ ସିଦ୍ଧିଙ୍କର ମଧ ବାହାଘର ଲାଗିଥିଲା। ସୋମବାର ଝିଅ ଦେଖା ହେବାର ଥିଲା। ହେଲେ ଏହାପୂର୍ବରୁ ସିଦ୍ଧିଙ୍କର ମୃତ୍ୟୁକୁ ନେଇ ପରିବାର ଲୋକେ ପୂରା ଭାଙ୍ଗି ପଡିଛନ୍ତି। ଘଟଣାର ତଦନ୍ତ ଓ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ମିଳିଥିବା ସୂଚନାନୁସାରେ, ରବିବାର ରାତିରେ ସାଙ୍ଗ ବାହାଘରରେ ବରଯାତ୍ରୀ ହୋଇ ଯାଇଥିଲେ ସିଦ୍ଧି। ଅନ୍ୟ ସାଙ୍ଗଙ୍କ ସହ ନାଚିଥିଲେ। ଝିଅଘରେ ପହଞ୍ଚିବା ପରେ ଭୋଜି ଖାଇଥିଲେ। କିଛି ସମୟ ପରେ ସିଦ୍ଧି ଅସୁସ୍ଥ ଅନୁଭବ କରିବା ସହ ବାନ୍ତି ମଧ କରିଥିଲେ। ସାଙ୍ଗମାନେ ତାଙ୍କୁ ରାତି ୨ଟାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତିକରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଇଞ୍ଜେକ୍ସନ ଦିଆଯାଇଥିଲା। ଇଞ୍ଜେକ୍ସନ ନେବାର ପ୍ରାୟ ୧୦ ମିନିଟ ଭିତରେ କଥାବାର୍ତ୍ତା କରୁଥିବା ସିଦ୍ଧିଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏହାକୁ ପରିବାର ଲୋକେ ଓ ସାଙ୍ଗସାଥୀ ସହଜରେ ଗ୍ରହଣ କରିପାରି ନ ଥିଲେ। ଡାକ୍ତର ଭୁଲ୍ ଇଞ୍ଜେକ୍ସନ ଦେବା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣି ହୋହଲ୍ଲା କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଏହି ଅଭିଯୋଗ ସଂକ୍ରାନ୍ତରେ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡିବ। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଯଦି ସେପରି କିଛି ଘଟିଥିବା ପ୍ରମାଣିତ ହେବ ତେବେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଭଗବତୀ ଥିଲେ ସାମ୍ୟବାଦୀ ଚେତନାର ସେନାପତି

ବାଲିପାଟଣା,୧।୨(ଡି.ଏନ୍.ଏ.):

ସାମ୍ୟବାଦୀ ନେତା ଭଗବତୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ସୋମବାର ଜନ୍ମସ୍ଥାନ ବିଶ୍ୱନାଥପୁରଠାରେ ପାଳିତ ହୋଇଯାଇଛି। ଗ୍ରାମର ଷ୍ଟାର ୟୁଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୌମ୍ୟରଞ୍ଜନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଭଗବତୀ ଥିଲେ ସାମ୍ୟବାଦୀ ଚେତନାର ସେନାପତି। ବରିଷ୍ଠ ଆଇନଜୀବୀ ଅଶୋକ ରାଉତରାୟ ଅତିଥିଭାବେ ଯୋଗଦେଇ ପାଣିଗ୍ରାହୀ କେବଳ ସାମ୍ୟବାଦୀ ନେତା ନ ଥିଲେ, ସେ ଏକାଧାରରେ ଜଣେ ସମାଜସେବୀ, ସାହିତ୍ୟିକ ଓ ସମାଜ ସଂସ୍କାରକ ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବିରଞ୍ଚି ପାଣିଗ୍ରାହୀ ଯୋଗଦେଇଥିଲେ। ଷ୍ଟାର ୟୁଥ କ୍ଲବର ସମ୍ପାଦକ ସୌମ୍ୟରଞ୍ଜନ ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। କ୍ଲବର ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ସିବିଆଇ ତଦନ୍ତ ଦାବିରେ ମାତାପିତାଙ୍କ ବିକ୍ଷୋଭ

**ଆଦିତ୍ୟ ମୃତ୍ୟୁ ଘଟଣା**

ଭୁବନେଶ୍ୱର,୧।୨(ବ୍ୟୁରୋ)

ମାନବପ୍ରେମୀ ଆଦିତ୍ୟ ଦାସଙ୍କ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବିକରି ସୋମବାର ତାଙ୍କ ମାତାପିତା ଓ ପିପୁଲ୍ସ ଫର୍ ସେବାର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ଏ ନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ଆଦିତ୍ୟଙ୍କ ମୃତ୍ୟୁ ଘଟଣାକୁ ୭ ମାସ ବିତିଗଲାଣି। ଜିଆର୍‌ପି ଏବଂ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରୁଥିଲେ ମଧ ଆଶାନୁରୂପକ ସଫଳତା ମିଳିପାରି ନାହିଁ। ପୋଲିସ ଏହାକୁ ଆତ୍ମହତ୍ୟା କହୁଥିଲେ ମଧ୍ୟ ପରିବାର ଲୋକ ଆଦିତ୍ୟଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଫଳରେ ଏ ଘଟଣାର ସିବିଆଇ ତଦନ୍ତ ଦାବି କରି ମାତାପିତା ଓ ପିପୁଲ୍ସ ଫର୍ ସେବାର କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇଛନ୍ତି। ପ୍ରକାଶ ଥାଉକି, ଗତ ଜୁଲାଇ ୭ରେ ଲିଙ୍ଗରାଜ ଷ୍ଟେଶନ ଡାଉନ ଲାଇନରୁ ଆଦିତ୍ୟଙ୍କ ମୃତଦେହ ଜିଆରପି ଉଦ୍ଧାର କରିଥିଲା।




## ଶିକ୍ଷୟିତ୍ରୀଙ୍କ ଆକାଉଣ୍ଟରୁ ୭୪ହଜାର ଠକେଇ

**ଭୁବନେଶ୍ୱର,୧।୨(ବ୍ୟୁରୋ):** ରାଜଧାନୀର ଜଣେ ଶିକ୍ଷୟିତ୍ରୀଙ୍କ ଆକାଉଣ୍ଟରୁ ସାଇବର ଠକମାନେ ୭୪,୭୯୫ଟଙ୍କା ଠକି ନେଇଥିବା ଭରତପୁର ଥାନାରେ ସୋମବାର ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଜଣକ ହେଲେ ବରମୁଣ୍ଡା ଜଗନ୍ନାଥ ବିହାରର ଟ୍ୱିଙ୍କିଲ ରଥ। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଗତ ୨୯ତାରିଖ ସନ୍ଧ୍ୟାରେ ଟ୍ୱିଙ୍କିଲଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଠକ ଜଣକ ନିଜକୁ ଏୟାରଟେଲ ଗ୍ରାହକ ସେବା ଅଫିସର ପରିଚୟ ଦେଇ ଆପଣଙ୍କ ନମ୍ବରର ଭ୍ୟାଲିଡିଟି ଶେଷ ହୋଇଯିବ, ତେଣୁ ଏୟାରଟେଲ ଆପ୍ ଓ ଏନିଡେସ୍କ ଆପ ଡାଉନଲୋଡ କରି ରିଚାର୍ଜ ପାଇଁ କହିଥିଲେ। ଟ୍ୱିଙ୍କିଲ ୨ଟି ଆପ୍ ଡାଉନ୍‌ଲୋଡ କରି ଡେବିଟ୍ କାର୍ଡରେ ରିଚାର୍ଜ କରୁଥିଲେ। ଠକଜଣକ 'ଏନିଡେସ୍କ' ଆପ୍‌ରେ ଟ୍ୱିଙ୍କିଲଙ୍କ ଫୋନକୁ ଆକ୍ସେସ କରି ଟଙ୍କା ଉଠାଇ ନେଇଥିଲେ।

## ଐତିହ୍ୟ ସୁରକ୍ଷା ନେଇ ଭାଜପାର ଦାବିପତ୍ର

**ପୁରୁଣାଭୁବନେଶ୍ୱର,୧।୨(ଡି.ଏନ୍.ଏ.):** ଏକାମ୍ର ଅଞ୍ଚଳରେ ରହିଥିବା ଐତିହ୍ୟ ମନ୍ଦିରଗୁଡ଼ିକର କାରୁକାର୍ଯ୍ୟ ସଂରକ୍ଷଣ ସହ ପଥର ମୂର୍ତ୍ତିର ସୁରକ୍ଷା ନେଇ ସୋମବାର ଭାଜପା ପକ୍ଷରୁ ଏଏସ୍‌ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉଚ୍ଛେଦ ଓ ଖନନ ବେଳେ ନିରାପଦ ପଦକ୍ଷେପ ସହ ଏଗୁଡ଼ିକ ରକ୍ଷଣ ପାଇଁ ଦାବି ହୋଇଛି। ଶିଶୁପାଳଗଡ଼ରେ ଜବରଦଖଲ ହଟାଇବା ସହ ପୁନରୁଦ୍ଧାର ପାଇଁ ଦାବିପତ୍ର ପ୍ରଦାନ ବେଳେ ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତରାୟ, ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଜୟନ୍ତ ଜେନା, ଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ପେନ୍‌ସନ ଉପଭୋକ୍ତାଙ୍କ ବକେୟା ପ୍ରାପ୍ୟ ନ ମିଳିଲେ ଆନ୍ଦୋଳନ

ଭୁବନେଶ୍ୱର,୧।୨

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାୟ ୧୪ଶହ ପେନ୍‌ଶନ ଉପଭୋକ୍ତା ବକେୟା ପ୍ରାପ୍ୟ ପାଇନାହାନ୍ତି। ଆସନ୍ତା ୧୫ ଦିନ ଭିତରେ ନ ମିଳିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛି ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ। ସଂଘ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ବିଶ୍ୱାଳ କହିଛନ୍ତି, ରାଜ୍ୟ ସରକାର ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ବାବଦ ବକେୟା ପ୍ରାପ୍ୟ ବହୁଦିନ ପୂର୍ବରୁ ଦେଇଛନ୍ତି। କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କ ଅଧା ପ୍ରାପ୍ୟ କିଛିଦିନ ତଳେ ପ୍ରଦାନ କରି ନିରବ ହୋଇଯାଇଛନ୍ତି। ଓସିଏସ୍ ପେନ୍‌ଶନ ରୁଲ୍-୧୯୯୧କୁ ବାରମ୍ବାର ଉଲ୍ଲଂଘନ କରି ଚାଲିଛନ୍ତି। ୨୦୧୮ ମାର୍ଚ୍ଚ ୧୨ରେ ସମସ୍ତ ପେନଶନଧାରୀଙ୍କ ଶତ ପ୍ରତିଶତ ବକେୟା ଏକକାଳୀନ ପ୍ରଦାନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟ ପେନ୍‌ଶନ ଉପଭୋକ୍ତାମାନେ ବକେୟା ପ୍ରାପ୍ୟ ପାଇସାରିଥିଲେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ଏ କ୍ଷେତ୍ରରେ ଅବହେଳା କରୁଥିବାରୁ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ବିଶ୍ୱାଳ କହିଛନ୍ତି।

## କନଷ୍ଟେବଲଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୧।୨(ବ୍ୟୁରୋ)

ବଡ଼ଗଡ଼ ଥାନାରେ କାର୍ଯ୍ୟରତ କନଷ୍ଟେବଲ ଧୀରେନ୍ଦ୍ର କୁମାର ସାହୁଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଶନିବାର ରାତି ପ୍ରାୟ ୨ଟାରେ ବଡ଼ଗଡ଼ ଥାନାଠାରୁ କିଛି ଦୂରରେ ଥିବା ଏକ ଜୁଏଲେରି ଦୋକାନ ନିକଟରେ ଧୀରେନ୍ଦ୍ର ଡ୍ୟୁଟି କରୁଥିଲେ। ଦୋକାନ ନିକଟକୁ ୨ଜଣ ଯୁବକ କାର୍‌ରେ ଆସିବାରୁ ସେ କାରଣ ପଚାରିଥିଲେ। ହେଲେ ଯୁବକ ଦ୍ୱୟ ହଠାତ ଏକ ଲୁହା ରଡ୍‌ରେ ତାଙ୍କ ମୁଣ୍ଡକୁ ପିଟିଥିଲେ। ସେ ତଳେ ପଡିଯିବାରୁ ସେମାନେ ଫେରାର ହୋଇଥିଲେ। ପିସିଆର ଆସି ତାଙ୍କୁ ହସ୍ପିଟାଲ ନେଇଥିଲେ। ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଛି, ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିପାଟଣା,୧।୨(ଡି.ଏନ୍.ଏ.): ବାଲିପାଟଣା ଥାନା ଅଧୀନ ମୁଣ୍ଡହଣାପାଟଣା ଗ୍ରାମରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ କାକରୁଦ୍ରପୁର ଗ୍ରାମର ନୃସିଂହ ନାଥଙ୍କ ପୁଅ ହାପି ନାଥ(୨୨)। ତେବେ ହାପି ରଶି ଲଗାଇ ଆତ୍ମହତ୍ୟା କରିଛି ବୋଲି ତାଙ୍କ ପିଉସା ବେଣୁଧର ଦାସ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୧) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କାକରୁଦ୍ରପୁର ଗ୍ରାମର ହାପି ଦୀର୍ଘଦିନ ହେବ ବେଣୁଧରଙ୍କ ଘରେ ରହୁଥିଲେ। ମୁଣ୍ଡହଣାପାଟଣା ଗ୍ରାମରେ ବେଣୁଧରଙ୍କ ଏକ ଦୋକାନ ରହିଛି, ଯେଉଁଠାରେ ହାପି କାମ କରନ୍ତି। ରବିବାର ମଧ୍ୟାହ୍ନ ୧୨ଟାରେ ହାପି ଦୋକାନରୁ ବେଣୁଧରଙ୍କ ଘରକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ସୁଦ୍ଧା ଆଉ ଦୋକାନକୁ ଫେରି ନ ଥିଲେ। ଦୋକାନକୁ ହାପି ଫେରିବାର ଡେରି ହେବାରୁ ପରିବାର ଲୋକେ ଘରକୁ ଯାଇଥିଲେ। ଏକ ରୁମରେ ହାପି ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ବେଣୁଧରଙ୍କ ଅଭିଯୋଗକ୍ରମେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କବିତା ସଂକଳନ 'ଲଫାପା' ଲୋକାର୍ପିତ

ଭୁବନେଶ୍ୱର,୧।୨: କବି ଭାରତୀ ଚକ୍ରଙ୍କ ପ୍ରଥମ କବିତା ସଂକଳନ ଲଫାପା ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଏଥେନା ବୁକ୍ସ ପରିସରରେ କବି କେଦାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ କବି ମମତା ଦାଶ, ଡ.ହୃଷୀକେଶ ମଲିକ, ପ୍ରସନ୍ନ କୁମାର ମହାନ୍ତି ଯୋଗଦେଇ ଓଡ଼ିଆ କବିତାର ଧାରା ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ଏଥିରେ ଡ. କନକମଞ୍ଜରୀ ପଟ୍ଟନାୟକ, ଜୀବନୀକାର ସତ୍ୟନାରାୟଣ ମହାପାତ୍ର, ଗାଳ୍ପିକ-ନାଟ୍ୟକାର କିଶୋର ଆକାଶ, କବି ଅଲେଖ ନନ୍ଦୀ, ଶିଳ୍ପୀ ସ୍ମୃତିକାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଦେବାଶିଷ ମହାପାତ୍ର ଉପସ୍ଥାପନା ଏବଂ କବି ରାଜକିଶୋର ଦାସ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ମନୋଜ


@ ସ୍ମୃତିରେଖା


@ ପବିତ୍ର


@ ଗୁଡୁ


@ ହିମାଂଶୁ


@ ପଞ୍ଚାନନ

## ଶ୍ରୀଶ୍ରୀ ଲିଙ୍ଗରାଜ ସେନାର ପଦଯାତ୍ରା



ପୁରୁଣା ଭୁବନେଶ୍ୱର,୧।୨(ଡି.ଏନ୍.ଏ.):

ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ଉଦ୍ଦେଶ୍ୟ ନେଇ ପୁନଃ ଗଠିତ ହୋଇଥିବା ଶ୍ରୀଶ୍ରୀ ଲିଙ୍ଗରାଜ ସେନାର ଏକ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଲିଙ୍ଗରାଜ ମନ୍ଦିରଠାରୁ ପଦଯାତ୍ରା ବାହାରି କେଦାରଗୌରୀ ମନ୍ଦିରଠାରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ଅନୁଷ୍ଠାନର ସଭାପତି ରାଜେନ୍ଦ୍ର ସମର୍ଥା, କାର୍ଯ୍ୟକାରୀ ସଭାପତି ଅଞ୍ଜଳ ବଟ୍ଟୁ, ଉପସଭାପତି ଦେବୀ ପ୍ରସାଦ ନନ୍ଦ, ଦାଶରଥି ଗରାବଡ୍ଡୁ, ବେଣୁଧର ପାତ୍ର, କମଳାକାନ୍ତ ବଡୁଙ୍କ ସମେତ ବିଭିନ୍ନ ଅଞ୍ଚଳର ସଦସ୍ୟମାନେ ସାମିଲ ହୋଇଥିଲେ।

## ଆଜିଠୁ ୩ ଦିନିଆ ରିମାଣ୍ଡରେ ରାକେଶ

ଯାଜପୁର ଅଫିସ/ଯାଜପୁର ଟାଉନ, (ଡି.ଏନ.ଏ.),୧।୨

**ଝରାଫୁଲ ହତ୍ୟା ଘଟଣା**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଗିରଫ ରାକେଶ ସ୍ୱାଇଁଙ୍କୁ ୩ ଦିନିଆ ରିମାଣ୍ଡରେ ନେବା ପାଇଁ ଯାଜପୁର ଜିଲା ଦୌରାଜଜ୍ ସୋମବାର ପୋଲିସକୁ ଅନୁମତି ପ୍ରଦାନ କରିଛନ୍ତି । ରିମାଣ୍ଡ ଅବଧି ୨ରୁ ଆରମ୍ଭ ହୋଇ ୪ ତାରିଖରେ ଶେଷ ହେବ। ୫ରେ ପୋଲିସ ରାକେଶଙ୍କୁ କୋର୍ଟରେ ହାଜର କରାଇବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି । ରିମାଣ୍ଡ ସମୟରେ ରାକେଶ ଯଦି ଚାହିଁବେ ତାଙ୍କ ଓକିଲ କିମ୍ବା ପରିବାର ଲୋକଙ୍କ ସହ ଭେଟ ହୋଇପାରିବେ ବୋଲି କୋର୍ଟ କହିଛନ୍ତି।

ଅନ୍ୟପକ୍ଷେ ଏହି ଘଟଣାରେ ସମ୍ପୃକ୍ତ ରାକେଶଙ୍କ ସହଯୋଗୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଯାଜପୁରରୋଡ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ କହିଛନ୍ତି। ସବୁ ଦିଗକୁ ଅନୁଧ୍ୟାନ କରାଯାଇ ତଦନ୍ତ ଚାଲିଛି। ଏହି ହତ୍ୟା ଘଟଣାର ରହସ୍ୟ ଅଳ୍ପଦିନ ମଧ୍ୟରେ ସ୍ପଷ୍ଟ ହେବ । ହେଲେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଏଯାଏ ହସ୍ତଗତ ହୋଇ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାସ ୨୮ ତାରିଖରେ ଯାଜପୁର ଜିଲା ପୋଲିସ ରାକେଶଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଦିନ ପୋଲିସ ରାକେଶଙ୍କୁ ୫ଦିନ ପାଇଁ ରିମାଣ୍ଡରେ ନେବାକୁ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ପିଟିଶନ ଦାଖଲ କରିଥିଲା ।

## ଡକାୟତି ଯୋଜନା, ୪ ଗିରଫ

ଭୁବନେଶ୍ୱର,୧।୨(ବ୍ୟୁରୋ)

**ଛୁରି, ଭୁଜାଲି, ଲୁହାରଡ଼ ଜବତ**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଡକାୟତି ଯୋଜନାବେଳେ ପୋଲିସ ଚଢାଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟ ୪ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ପୋଲିସ ଛୁରି, ଭୁଜାଲି, ଲୁହାରଡ, ଲଙ୍କାଗୁଣ୍ଡ, ମଦ ଓ ସିଗାରେଟ ସମେତ ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଣ୍ଡାପାର୍କ ବସ୍ତିରେ ରହୁଥିବା ଜିନେତ ନାୟକ, ତୋଫାନ ନାୟକ, ସୀତାନାଥନଗର ବସ୍ତିରେ ରହୁଥିବା ଅମୀୟ କୁମାର ଦାସ ଓ ମିଞ୍ଜା ନାୟକ। ରବିବାର ରାତିରେ ସୀତାନାଥ ନଗର ବସ୍ତି ନିକଟ ସାଇ ମନ୍ଦିରରେ କେତେଜଣ ଯୁବକ ବସି ନିଶା ସେବନ କରିବା ସହ ଅପରାଧ ଯୋଜନା କରୁଥିବା ନେଇ ଥାନାକୁ ଖବର ଆସିଥିଲା। ତୁରନ୍ତ ପୋଲିସ ଟିମ୍ ସେଠାରେ ଚଢାଉ କରିଥିଲା। ତେବେ ଗିରଫ ୪ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ସୋମବାର କୋର୍ଟ ଚାଲାଣ କରାଯାଇଛି । ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ।

## କଟକ ସନ୍ ହସ୍ପିଟାଲ ଅଗ୍ନିକାଣ୍ଡ





କଟକ ସନ୍ ହସ୍ପିଟାଲରେ ନିଆଁ ଲାଗିବା ପରେ ଭୟରେ ବାହାରକୁ ଚାଲିଆସିଥିବା ରୋଗୀଙ୍କ ସମ୍ପର୍କୀୟ ଓ କର୍ମଚାରୀ । ଜଣେ ମହିଳା ରୋଗୀଙ୍କୁ ହସ୍ପିଟାଲରୁ ବାହାରକୁ ନିଆଯାଉଛି ।



ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସରେ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି ।

## ସଂକ୍ଷେପରେ

### ବିନା ଫାୟାର ସେଫ୍ଟିରେ ଚାଲିଛି ହସ୍ପିଟାଲ

ଖୋର୍ଦ୍ଧା ଅଫିସ,୧।୨: କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ହସ୍ପିଟାଲରେ ଫାୟର ସେଫ୍ଟି ନ ଥିବା ଜଣାପଡିଛି। ଅନ୍ୟପଟେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରେ ଲାଗିଥିବା ଫାୟାର ସେଫ୍ଟି(ବକ୍ସ) ତାରିଖ ଏକ୍ସପାଏରି ହୋଇଯାଇଥିବା ଜଣାପଡିଛି। ତେବେ ଏହାର ନବୀକରଣ କରାଯାଇ ନାହିଁ। ଏହି ହସ୍ପିଟାଲରେ ଅନ୍ତଃ ଓ ବହିଃ ବିଭାଗ ସମେତ ମହିଳା ଓ ଶିଶୁ ଯତ୍ନ କେନ୍ଦ୍ର(ଏମ୍‌ସିଏଚ୍)ରେ ଗର୍ଭବତୀ, ଶିଶୁୱାର୍ଡ ଏବଂ ଏସ୍‌ଏନ୍‌ସିୟୁ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ଖୋର୍ଦ୍ଧା ସମେତ ନୟାଗଡ଼ ଓ ପୁରୀ ଜିଲାର ଶତାଧିକ ରୋଗୀ ଏହି ହସ୍ପିଟାଲ ଉପରେ ନିର୍ଭର କରନ୍ତି। ସେହିପରି ଖୋର୍ଦ୍ଧା ଜିଲାର ଏକାଧିକ ଘରୋଇ ହସ୍ପିଟାଲରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ସହ ଫାୟାର ସେଫ୍ଟି ନ ଥିବା ଜଣାପଡିଛି। ଏଥିପ୍ରତି ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଫାୟାର ସେଫ୍ଟି ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି କହିଛନ୍ତି।

### ମୃତ ବୃଦ୍ଧଙ୍କ ପରିବାରକୁ ମିଳିଲା ୪୦ହଜାର

ନିରାକାରପୁର,୧।୨(ଡି.ଏନ୍.ଏ.): ହାତୀ ଆକ୍ରମଣରେ ରବିବାର ଟାଙ୍ଗୀ ବନାଞ୍ଚଳ ଅଧୀନ ଟାଙ୍କୋଳ ଦିଅଁସାହିର ବାଉରି ବନ୍ଧୁ ସ୍ୱାଇଁ (୭୨)ଙ୍କ ମୃତ୍ୟୁ ହୋଇଥିଲା। ସୋମବାର ବନ ବିଭାଗ ଅଧିକାରୀମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏଥିସହ ଆଉ ୩ ଲକ୍ଷ ୬୦ ହଜାର ଟଙ୍କା ୭ ଦିନ ମଧ୍ୟରେ ମିଳିବ ବୋଲି ଭୁଷଣ୍ଡପୁର ଫରେଷ୍ଟର ସିନ୍ଧୁ ଚରଣ ସିଂ କହିଛନ୍ତି। ସୂଚନାଥାଉ କି, ରବିବାର ବାଉରି ମା' ଉଗ୍ରତାରା ମନ୍ଦିର ନିକଟ କାଜୁ ଜଙ୍ଗଲକୁ କୌଣସି କାର୍ଯ୍ୟରେ ଯାଇଥିଲେ। ସନ୍ଧ୍ୟା ହୋଇଯାଇଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଜମିକୁ ଯିବା ବେଳେ ଦୁଇଟି ହାତୀ ସହ ବାଉରି ତଳେ ମରି ପଡିଥିବା ଦେଖିବାକୁ ପାଇଥିଲେ।

### ଭଲିବଲ: ବାଇଗୁଣିଆ ଟିମ୍ ଚାମ୍ପିୟନ

ବୋଲଗଡ଼,୧।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଚୂଡ଼ା ଗ୍ରାମସ୍ଥିତ ମା' ରାମଚଣ୍ଡୀ ମନ୍ଦିର ପରିସରରେ ରବିବାର ମା' ରାମଚଣ୍ଡୀ ଭଲିବଲ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସରପଞ୍ଚ ସସ୍ମିତା ରାଉତ, ସାମାଜିକ କର୍ମୀ ଗୋଲାମନବି ତରଫଦାର୍ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ଟି ଟିମ୍ ସାଗରଗାଁ, ବାଇଗୁଣିଆ, ବାଣିକିଲୋ, କୋସ୍କା, ଚୂଡା, ଅସରଳା, ଗୋଡିଆଲି ଏବଂ ବାଙ୍କୋଇ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଗୋଡିଆଲି ଟିମ୍‌କୁ ହରାଇ ବାଇଗୁଣିଆ ଟିମ୍ ଚାମ୍ପିୟନ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଖବରଦାତା ପ୍ରସନ୍ନ ସ୍ୱାଇଁ ଚାମ୍ପିୟନ ଟିମକୁ ଟ୍ରଫି ଏବଂ ସାମାଜିକକର୍ମୀ ସଞ୍ଜୟ କୁମାର ସାହୁ ରନର୍ସଅପ ଟିମକୁ କପ୍ ପ୍ରଦାନ କରିଥିଲେ। ଅଶୋକ ପ୍ରଧାନ ଓ ଅଭିମନ୍ୟୁ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଟାଙ୍ଗୀ(ଖୋର୍ଦ୍ଧା),୧।୨(ଡି.ଏନ୍.ଏ.): ଟାଙ୍ଗୀ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ଅବଧୂତ ଚମ୍ପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଭଜାଗଡ଼ସ୍ଥିତ ମା' ବୁଢ଼ୀ ତାରାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସୂଦନ ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଚିଲିକା ବ୍ଲକ ଶିକ୍ଷାଧିକାରୀ ନଳିନୀକାନ୍ତ ମହାନ୍ତି, ମୁଖ୍ୟ ବକ୍ତାଭାବେ ଅଲୋଷ୍ଟା ସମ୍ପାଦକ ସୁକାନ୍ତ ବେହେରା, ଅତିଥିଭାବେ ଏନ୍‌ପିଏସ୍ ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଅତିରିକ୍ତ ଶିକ୍ଷା ଅଧିକାରୀ ଦେବଦତ୍ତ ମହାପାତ୍ର, ଶିକ୍ଷକ ସଂଘ ସଭାପତି ସଲିଳ ସ୍ୱାଇଁ, ସମ୍ପାଦକ ସନ୍ତୋଷ ବେହେରା, ପ୍ରସନ୍ନ ଶ୍ରୀଚନ୍ଦନ, ମଞ୍ଜୁଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସଂଘ ପକ୍ଷରୁ ଚମ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ମୀନାକ୍ଷୀ ବେହେରା ସ୍ୱାଗତ ସଙ୍ଗୀତ ଗାନ, ଗୋପାଳ ସେଣ ଓ ନୀଳାଦ୍ରି ସିଂ ସଭା ପରିଚାଳନା କରିଥିଲେ। ପ୍ରସନ୍ନ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

# ୫୪ ଦିନ ପରେ ଗାଁକୁ ଫେରିଲା ମୃତଦେହ

## ସାଉଦିରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବାଣପୁର, ୧।୨(ଡି.ଏନ୍.ଏ)

ପରିବାର ପ୍ରତିପୋଷଣ ପାଇଁ ଅଧିକ ରୋଜଗାର ଆଶାରେ ସୁଦୂର ସାଉଦି ଆରବକୁ ଯାଇଥିବା ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ବାଁଲେଇ ଗ୍ରାମର ଜଣେ ଓଡ଼ିଆ ଶ୍ରମିକଙ୍କର ସେଠାରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁର ୫୪ ଦିନ ପରେ ସୋମବାର ତାଙ୍କ ମୃତଦେହକୁ ଗ୍ରାମକୁ ଅଣାଯାଇଛି। ଏ ନେଇ ତାଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଯାଇଥିବାବେଳେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ମୃତଦେହ ସଂସ୍କାର କରାଯାଇଛି।

ସୂଚନା ମୁତାବକ, ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଭେଟେଶ୍ୱର ପଞ୍ଚାୟତ ଅଧୀନ ବାଁଲେଇ ଗ୍ରାମର ନଟବର ପ୍ରଧାନଙ୍କ ସାନପୁଅ ଦାମୋଦର ପ୍ରଧାନ ସାଉଦି ଆରବର ଜେଦା ସହରସ୍ଥ 'ଅଲ୍ ଉସୁଲ ଅଲ୍ ଅଲ୍ଲୀ' କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ତେବେ ଗତ ନଭେମ୍ବର ୬ରେ ଦାମୋଦର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କିଙ୍ଗ ଅବଦୁଲାଜ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନେଇ କମ୍ପାନୀ ପକ୍ଷରୁ ପରିବାରକୁ ସୂଚନା ଦିଆଯାଇଥିଲା। ମାତ୍ର ପରେ କମ୍ପାନୀ ପକ୍ଷରୁ ତାଙ୍କ ପରିବାର ସହ ଆଉ କୌଣସି ଯୋଗାଯୋଗ କରାଯାଇ ନ ଥିଲା। ଫଳରେ ଦାମୋଦରଙ୍କ ସ୍ତ୍ରୀ ବବିତାଙ୍କ ସମେତ ପରିବାରବର୍ଗ ଚିନ୍ତିତ ହୋଇପଡ଼ିଥିଲେ। ଡିସେମ୍ବର ୯ରେ ହସ୍ପିଟାଲରେ ଦାମୋଦରଙ୍କ ମୃତ୍ୟୁ ଘଟିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିଲା। ପରିବାର ପକ୍ଷେ ସାଉଦି ଆରବରୁ ମୃତଦେହ ଆଣିବା ସମ୍ଭବ ନ ଥିବାରୁ ବବିତା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହଯୋଗ ଲୋଡ଼ିଥିଲେ। ତେବେ ଶୀଘ୍ର ମୃତଦେହ ନ ନେଲେ ସେଠାରେ ପୋତି ଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ସ୍ୱାମୀଙ୍କ ମୃତଦେହ ଫେରାଇ ଆଣିବା ପାଇଁ ବବିତା ସ୍ଥାନୀୟ ପ୍ରଶାସନକୁ ନିବେଦନ କରିଥିଲେ। ଜୀବନ ବୀମା ନିଗମର ପୁରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଚମ୍ପାଦେଇପୁର ଗ୍ରାମର ବାବୁଲି କୁମାର ସାହୁ ବୈଦେଶିକ ମନ୍ତ୍ରଣାଳୟ ସମେତ ଜେଦାସ୍ଥିତ ଭାରତୀୟ ଦୂତାବାସ କାର୍ଯ୍ୟାଳୟର ଭାଇସ କନ୍‌ସୁଲାର ଶାହାବୁଦ୍ଦିନ ଖାନ ଏବଂ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଅହମ୍ମଦ ରଜାକଙ୍କ ସହିତ ଯୋଗାଯୋଗ କରି ମୃତଦେହ ଗ୍ରାମକୁ ଫେରାଇ ଆଣିବା ପାଇଁ ଉଦ୍ୟମ ଚଳାଇଥିଲେ। ଶେଷରେ ଜେଦାରୁ ଦୁବାଇ ଓ ପରେ କୋଲକାତା ବିମାନବନ୍ଦରରେ ରବିବାର ମୃତଦେହ ପହଞ୍ଚିଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ପରିବାରବର୍ଗ ଗ୍ରାମକୁ ଆଣିଥିଲେ। ସ୍ୱାମୀଙ୍କ ବକେୟା ପ୍ରାପ୍ୟ, ଦରମା ସମେତ ମୃତ୍ୟୁକାଳୀନ ସହାୟତା ପ୍ରଦାନ ପାଇଁ ବବିତା ସ୍ଥାନୀୟ ଜନ ପ୍ରତିନିଧିଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ଆକୁଳ ନିବେଦନ କରିଛନ୍ତି।

# ୧୬ନଂ. ଏନ୍‌ଏଚ୍‌ରେ ପୋଲିସ୍ ପାଟ୍ରୋଲିଂ ଆରମ୍ଭ


ଶୁଭାରମ୍ଭ ଅବସରରେ ଜିଲାପାଳ, କେନ୍ଦ୍ରାଞ୍ଚଳ ପୋଲିସ ଡିଆଇଜି, ବିଧାୟକ ଓ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧।୨

- ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ପିତାପଲ୍ଲୀରୁ ରମ୍ଭା ପର୍ଯ୍ୟନ୍ତ ସେବା ଦେବ

ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣା, ଅପରାଧ, ଲୁଟ୍ ଏବଂ ଦ୍ରୁତ ଗତିରେ ଗାଡ଼ିଚାଳନା ଉପରେ ରୋକ ଲଗାଇବାକୁ ସରକାର ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥରେ ପାଟ୍ରୋଲିଂ ସେବା ଆରମ୍ଭ ହୋଇଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ ହାଇୱେ ପାଟ୍ରୋଲିଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଖୋର୍ଦ୍ଧା ଜିଲା ସଦର ମହକୁମା ଦେଇ ଯାଇଥିବା କୋଲକାତା-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥ ପିତାପଲ୍ଲୀଠାରୁ ରମ୍ଭା (ଗଞ୍ଜାମ ସୀମା) ପର୍ଯ୍ୟନ୍ତ ୩ଟି ପୋଲିସ ଭ୍ୟାନ ଗଡ଼ିବ। ପିତାପଲ୍ଲୀ ଛକଠାରୁ ଟାପଙ୍ଗ ଛକ, ୨ୟ ଟାପଙ୍ଗ ଛକରୁ ଟାଙ୍ଗୀ ଥାନା ଏବଂ ୩ୟ ଟାଙ୍ଗି ଥାନା ଛକଠାରୁ ରମ୍ଭା ପର୍ଯ୍ୟନ୍ତ ପାଟ୍ରୋଲିଂ କରିବ। ପୋଲିସ ପକ୍ଷରୁ ଖୋର୍ଦ୍ଧା ବାଇପାସ୍ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ପୋଲିସ ଡିଆଇଜି ଆଶିଷ ସିଂ, ଜିଲାପାଳ ସନତ ମହାନ୍ତି, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖୋଲିଲା ଅଙ୍ଗନୱାଡି କେନ୍ଦ୍ର

ନିରାକାରପୁର,୧।୨(ଡି.ଏନ୍.ଏ.)

ଦୀର୍ଘ ୧୦ମାସ ପରେ ସୋମବାର ଅଙ୍ଗନୱାଡି କେନ୍ଦ୍ରରେ କୁନି କୁନି ପିଲାଙ୍କ କୋଳାହଳ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ କେନ୍ଦ୍ର ଖୋଲାଯାଇଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ଡିଆ, ନିରାକାରପୁର, ରାମେଶ୍ୱର, ବଡ଼ପୋଖରିଆ, ଲେଣ୍ଡୋ ସମେତ ଅନେକ ପଞ୍ଚାୟତରେ ଅଙ୍ଗନଓାଡି କେନ୍ଦ୍ର ଖୋଲିଥିବା ଦେଖିବାକୁ ମିଳିଥିଲା। ଗାଇଡ୍‌ଲାଇନ ଅନୁଯାୟୀ ପ୍ରତି ପିଲାମାନେ ମାସ୍କ ପିନ୍ଧିବା ସହ ଦୂରତ୍ୱରେ ବସିଥିଲେ। ଏନେଇ ପିଲାଙ୍କ ମଧ୍ୟରେ ଉତ୍ସାହ ରହିଥିଲା। କୋଭିଡ୍ କଟକଣାକୁ ଦେଖି ସମସ୍ତ ବ୍ୟବସ୍ଥା କରାଯାଇଛି।

## ଜିଲାରେ ୬,୧୧,୫୫୧ କୁଇଣ୍ଟାଲ ଧାନକିଣା ସରିଛି

ଖୋର୍ଦ୍ଧା ଅଫିସ,୧।୨

ଖୋର୍ଦ୍ଧା ଜିଲାରେ ସୋମବାର ସୁଦ୍ଧା ୬,୧୧,୫୫୧ କୁଇଣ୍ଟାଲ ଧାନକିଣା ହୋଇଛି। ତନ୍ମଧ୍ୟରୁ ବାଲିଅନ୍ତା ବ୍ଲକରେ ୭୬,୯୦୦, ବାଲିପାଟଣାରେ ୯୮,୦୦୦, ଭୁବନେଶ୍ୱର ବ୍ଲକରେ ୩୯,୦୦୦, ଜଟଣୀରେ ୨୮,୦୦୦, ଖୋର୍ଦ୍ଧା ବ୍ଲକରେ ୪୨,୦୦୦, ବେଗୁନିଆରେ ୮୨,୦୦୦, ବୋଲଗଡ଼ରେ ୮୨,୦୦୦, ଟାଙ୍ଗୀରେ ୫୦,୧୩୪, ଚିଲିକାରେ ୫୪,୦୦୦ ଏବଂ ବାଣପୁର ବ୍ଲକରେ ୫୯,୫୧୭ କୁଇଣ୍ଟାଲ ଧାନ,କିଣା ହୋଇଛି। ବର୍ତ୍ତମାନ ସୁଦ୍ଧା ୧୮,୫୫୦ ଚାଷୀଙ୍କ ଆକାଉଣ୍ଟକୁ ୧,୧୧,୧୯୧୦,୯୫୩ ଟଙ୍କା ଦିଆଯାଇଛି।

ପ୍ରକାଶ ଯେ, ଚଳିତ ଖରିଫ ଋତୁରେ ପ୍ରଥମ ପର୍ଯ୍ୟାୟରେ ୯.୫୮ଲକ୍ଷ କୁଇଣ୍ଟାଲ ଧାନ କିଣା ଲକ୍ଷ୍ୟ ଧାର୍ଯ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ୭୦% ଧାନ କିଣା ସରିଥିବା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଚଳିତବର୍ଷ ଜିଲାରେ ଧାନକିଣାରେ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ପ୍ରକୃତ ଚାଷୀ ଧାନ ବିକ୍ରି କରିପାରି ନ ଥିବା ବେଳେ ନକଲି ଚାଷୀଙ୍କଠାରୁ କୁଇଣ୍ଟାଲ କୁଇଣ୍ଟାଲ ଧାନ କିଣାଯାଇଛି। ଜଟଣୀ ବ୍ଲକ ଅଙ୍ଗାରପଡା ସେବା ସମବାୟ ସମିତିରେ ଗୋଚର, ଅନାବାଦି, ଗ୍ରାମୀଣ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ, ରକ୍ଷିତପତିତ ଜମିକୁ ଚାଷଜମି ଏବଂ କେନାଲ ନ ଥିବା ସତ୍ତ୍ୱେ କେନାଲ ଦର୍ଶାଇ ନକଲି ଚାଷୀଙ୍କଠାରୁ ଶତାଧିକ କୁଇଣ୍ଟାଲ ଧାନ କିଣାଯାଇଥିବା ନେଇ ଶତାଧିକ ଚାଷୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଧାନ କିଣିବା ଲାଗି ନିର୍ଦ୍ଧାରିତ ସମୟ, ବାର ସ୍ଥିର ହୋଇଥିଲେ ମଧ୍ୟ ଛୁଟିଦିନରେ ଧାନ କିଣାଯାଉଛି। ମଣ୍ଡିରେ ଧାନ ଗଚ୍ଛିତ ଥିବା ସତ୍ତ୍ୱେ ଧାନ ଉଠୁନାହିଁ। ଧାନ ରଖିବା ଲାଗି ଅସ୍ଥାୟୀ ବ୍ୟବସ୍ଥା ନାହିଁ। ଶୀତ କାକରରେ ଚାଷୀ ମଣ୍ଡିରେ ରହୁଛନ୍ତି। ମିଲର୍ସ ଚାଷୀଙ୍କୁ ଅଖା ନ ଦେଇ ସାଦା କାଗଜରେ ଦସ୍ତଖତ ନେଇ ଅଖା ଦିଆଯାଉଥିବା ଦର୍ଶାଉଛନ୍ତି। କଟନୀ ଛଟନୀ ଯୋଗୁ ଚାଷୀ ଶୋଷିତ ହେଉଛନ୍ତି। ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ଚାଷୀ। ମଣ୍ଡିରେ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସମିତି-ମିଲର୍ସ-ଯୋଗାଣ ମଧୁଚନ୍ଦ୍ରିକାରେ କାରବାର ଚାଲିଛି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଅଭିଯୋଗ କରିଛନ୍ତି।

## ୨ୟ ଦିନରେ ୧୫,୧୦୨ ଶିଶୁଙ୍କୁ ପୋଲିଓ ବୁନ୍ଦା

ପୁରୀ ଅଫିସ,୧।୨

ପୁରୀ ଜିଲାରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଚାଲିଛି। ସୋମବାରଠାରୁ ୨୪ଟି ଭ୍ରାମ୍ୟମାଣ ଟିମ୍ ଜିଲା ସାରା ବୁଲି ୫ ବର୍ଷରୁ କମ୍ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେଇଛନ୍ତି। ସୋମବାର ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଜିଲାର ୨ଲକ୍ଷ ୧୭ ହଜାର ୪୧୦ଟି ଘର ବୁଲି ୧୫ ହଜାର ୧୦୨ ଜଣ ଶିଶୁଙ୍କୁ ଟିକା ଦେଇଛନ୍ତି। ଗ୍ରାମାଞ୍ଚଳର ୧ ଲକ୍ଷ ୮୭ ହଜାର ୨୮୩ ଘରେ ପହଞ୍ଚି ୫ ହଜାର ୩୯୭ ଜଣ ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ଅଲୁଗୁମରେ ୫୩୭, ଅସ୍ତରଙ୍ଗରେ ୮୬, ବାଙ୍ଗୁରିଗାଁରେ ୨୯୧, ଚନ୍ଦନପୁରରେ ୬୫୬, ଚାରିଛକରେ ୩୧୬, ନୂଆପଡ଼ାରେ ୪୫୩, ଡେଲାଙ୍ଗରେ ୫୧୭, ଗୋପରେ ୨୬୨, କଣାସରେ ୫୯୮, ମଙ୍ଗଳପୁରରେ ୬୩୬ ଓ ନୂଆଗାଁରେ ୧ ହଜାର ୪୫ ଜଣଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ସେହିଭଳି ସହରାଞ୍ଚଳ ମଧ୍ୟରେ ପୁରୀ ସହରରେ ୯୩୯୬, କୋଣାର୍କରେ ୧୦୨, ନିମାପଡ଼ାରେ ୪୬, ପିପିଲିରେ ୧୬୧ ଜଣଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ପୁରୀ ଜିଲା ସହରାଞ୍ଚଳରେ ମୋଟ ୯ ହଜାର ୭୦୫ ଜଣ ଶିଶୁଙ୍କ ଟିକାକରଣ ହୋଇପାରିଛି। ତେବେ ଧାର୍ଯ୍ୟ ଲକ୍ଷ୍ୟର ୯୭.୭୨ ପ୍ରତିଶତ ଟିକାକରଣ କରିବାରେ ଜିଲା ପ୍ରଶାସନ ସଫଳ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ମଧ୍ୟ ଜିଲାବ୍ୟାପୀ ଟିକାକରଣ ଚାଲୁ ରହିବ। ଭ୍ରାମ୍ୟମାଣ ଟିମ୍ ଘର ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦେବ।

## ଯୋଗମାୟା କ୍ରିକେଟ୍ ଟୁର୍ନାମେଣ୍ଟ

## ଷୋରଢ଼ପୁର କ୍ଲବ ଚାମ୍ପିୟନ

ନିରାକାରପୁର,୧।୨(ଡି.ଏନ୍.ଏ.)


ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍ ଟ୍ରଫି ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଜିଲା କୃଷ୍ଣପୁରସ୍ଥିତ ଯୋଗମାୟା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦିବାରାତ୍ରି ଫଟାଫଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବେଢ଼ାତୁଣ୍ଡ କ୍ରିକେଟ କ୍ଲବକୁ ୧୫ ରନରେ ହରାଇ ଷୋରଢ଼ପୁର କ୍ରିକେଟ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଷୋରଢ଼ପୁର ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୮ରନ ସଂଗ୍ରହ କରିଥିଲା। ଜବାବରେ ବେଢ଼ାତୁଣ୍ଡ ୮.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଘନଶ୍ୟାମ ବେହେରା, ବିକାଶ ଚମ୍ପତି, ମନୋଜ ସ୍ୱାଇଁ, ସମୀର ଜେନା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଷଷ୍ଠୀ ପାଇକରାୟ, ଅନୁଜ ରଣସିଂହ, ତୋଫାନ ସେଠୀ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ।

# ସ୍ୱାବଲମ୍ବୀ ପାଇଁ ସରକାରୀ ସହାୟତାକୁ ଅପେକ୍ଷା

ଜଟଣୀ,୧।୨(ଡି.ଏନ୍.ଏ)


ଅନନ୍ତ ବେହେରା

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ୍ ବେଣାପଞ୍ଜରୀ ପଞ୍ଚାୟତ ଅଧୀନ ବେଣାପଞ୍ଜରୀ ଗ୍ରାମର ବ୍ରାହ୍ମଣ ସାହିରେ ରହୁଥିବା ଦିବ୍ୟାଙ୍ଗ ଅନନ୍ତ ବେହେରାଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଏକ ଭଙ୍ଗା କୁଡ଼ିଆରେ ପରିବାର ସହ ଦୁଃଖକଷ୍ଟରେ ଜୀବନ ବିତୁଛି। ପରିବାର କହିଲେ ୩ ଭଉଣୀ, ବୁଢ଼ୀମା ଓ ବାପାଙ୍କୁ ନେଇ ୬ପ୍ରାଣୀଙ୍କ ସଂସାର । ଘର ଡିହ ଖଣ୍ଡକ ବ୍ୟତୀତ ଅନ୍ୟ କିଛି ନାହିଁ। ଗତ ଫନୀ ବାତ୍ୟାରେ ଘର ଭାଙ୍ଗି ଛାରଖାର ହୋଇଯାଇଥିଲା। ପରେ କଷ୍ଟେମଷ୍ଟେ କୁଡ଼ିଆ ଖଣ୍ଡେ କରି ଜରିପାଲ ଟାଣି ଏହି ପରିବାର ରହୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ସେସବୁ ଅନନ୍ତଙ୍କ ପାଖେ ପହଞ୍ଚିପାରିନାହିଁ। କେବଳ ଅନ୍ତୋଦୟ କାର୍ଡ ଓ ମାସିକ ଦିବ୍ୟାଙ୍ଗ ଭତ୍ତା ୭୦୦ ଟଙ୍କା ଦେଇ ପ୍ରଶାସନ ଚୁପ୍ ବସିଛି। ବାପା ଦିନ ମଜୁରିଆ। ଧାର କରଜ କରି ୨ଭଉଣୀଙ୍କୁ ବିବାହ ଦେଇସାରିଛନ୍ତି। ବାପା, ବୁଢୀ ମା' ଏବଂ ଅନ୍ୟ ଭଉଣୀ କିପରି ଚଳିବେ ଓ ସେ ସ୍ୱାବଲମ୍ବୀ ହେବେ ସେଇ ଚିନ୍ତା ତାଙ୍କୁ ଘାରିଛି। ବୁଢୀ ମା' ମୀନା ବେହେରା କହିଛନ୍ତି, ଅନନ୍ତଙ୍କୁ ଯେତେବେଳେ ୫ବର୍ଷ ବୟସ ହୋଇଥିଲା ସେ ପୋଲିଓରେ ଆକ୍ରାନ୍ତ ହେଲେ। ତାଙ୍କର ଏକ ଗୋଡ଼ ଅଚଳ ହୋଇଗଲା। ସେବେଠାରୁ ଆଶାବାଡ଼ି ଧରି ଚଳାବୁଲା କରୁଛନ୍ତି। ସେ ବହୁ କଷ୍ଟରେ +୨ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ସେ ଛୋଟ ଦୋକାନଟିଏ କରି ସ୍ୱାବଲମ୍ବୀ ହେବାକୁ ଚାହୁଁଥିଲେ ମଧ୍ୟ ଅର୍ଥାଭାବ ଯୋଗୁ ତାହା ସମ୍ଭବ ହୋଇପାରୁନାହିଁ। ଗ୍ରାମର ସାମାଜିକ କର୍ମୀ ଉପେନ୍ଦ୍ର ପଟ୍ଟନାୟକ କହିଛନ୍ତି, ପ୍ରଶାସନ ଯଦି ଅନନ୍ତଙ୍କ ପ୍ରତି ସହଯୋଗର ହାତ ବଢାନ୍ତା ତାହାଲେ ସେ ସ୍ୱାବଲମ୍ବୀ ହୋଇପାରନ୍ତେ। ଏ ନେଇ ଜଟଣୀ ବିଡିଓ ସରୋଜ କୁମାର ରାଉତଙ୍କୁ ପଚାରିବାରେ କହିଛନ୍ତି, ଏଭଳି ଘଟଣା ମୋ' ନଜରକୁ ଆସିନାହିଁ। ଯଦି ଆବେଦନକାରୀ ଘର ଓ କୌଣସି ଆର୍ଥିକ ସହାୟତା ପାଇଁ ଆବେଦନ କରିଥିଲେ, କାହିଁକି ପାଇପାରିନାହାନ୍ତି ସେ ବିଷୟରେ ତଦନ୍ତ କରାଯିବ। କୌଣସି କାରଣରୁ ପ୍ରଥମ ପର୍ଯ୍ୟାୟରେ ତାଙ୍କ ନାମ ଆସି ନ ଥାଇପାରେ। ମାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ଆସିବ ବୋଲି ମୋର ଆଶା। ଯଦି ଆବେଦନ କରି ନ ଥିବେ ତେବେ ପୁନଶ୍ଚ ଲିଖିତ ଭାବେ ଜଣାଇଲେ ପଦକ୍ଷେପ ନେବି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ମନୋଜ


@ ସ୍ମୃତିରେଖା


@ ପବିତ୍ର


@ ଗୁଡୁ


@ ହିମାଂଶୁ


@ ପଞ୍ଚାନନ

## କଣାସ ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଲା କାୟାକଳ୍ପ ଟିମ୍

କଣାସ, ୧।୨(ସ୍ୱ.ପ୍ର)

କାୟାକଳ୍ପ ଟିମ୍ ରବିବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଦୀପକ କୁମାର ବିଶୋଇଙ୍କ ନେତୃତ୍ୱରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡାକ୍ତର ଜ୍ଞାନରଞ୍ଜନ ପ୍ରଧାନ, ଏମ୍‌ସର ଡାକ୍ତର ବିଶ୍ୱରଞ୍ଜନ ପୁରୋହିତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ପରିଚ୍ଛନ୍ନତା, ସୌନ୍ଦର୍ଯ୍ୟକରଣ, ବର୍ଜ୍ୟବସ୍ତୁ ପରିଚାଳନା, ରୋଗୀସେବା ପ୍ରଭୃତି ବୁଲି ଦେଖିଥିଲେ। କାୟାକଳ୍ପ ଟିମ୍‌କୁ ଭାରପ୍ରାପ୍ତ ଅଧିକାରୀ ସୌଭାଗ୍ୟ କୁମାର ଜେନା, ଡାକ୍ତର ରମେଶ ଚନ୍ଦ୍ର ବେହେରା, ବିଶ୍ୱରଞ୍ଜନ ଜେନା, ଶ୍ରେଷ୍ଠା ମହାପାତ୍ର, ଜଗନ୍ନାଥ ବେହେରା, ସୋମ୍ୟରଞ୍ଜନ ସେଠୀ, ସୁରେଶ ଚନ୍ଦ୍ର ଚୌଧୁରୀ, କଳିଙ୍ଗ ଉପାଧ୍ୟାୟ ପ୍ରମୁଖ ସମସ୍ୟା ସମ୍ପର୍କରେ ଜଣାଇଥିଲେ। କଣାସ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ରୋଗୀଙ୍କୁ ଉପଯୁକ୍ତ ସେବା ମିଳିପାରୁ ନ ଥିବା ଅଭିଯୋଗ ହୋଇଥିଲା।


ପୁରୀ ପୋଲିସ ଲାଇନ୍ ହାଇସ୍କୁଲର ପୁରାତନ ଛାତ୍ରଙ୍କ ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।